ପଞ୍ଜାବ ଦୁଗ୍ଧ ବିକାଶ ନିଗମ

ଲିମିଟେଡ ଏବଂ ଅନ୍ୟଜଣେ ଇତ୍ୟାଦି

ବନାମ

କାଲା ସିଂ ଇତ୍ୟାଦି

ମେ 7,1997

[କେ. ରାମାସ୍ୱାମୀ, ଏସ୍. ସାଗିର ଅହମ୍ମଦ ଏବଂ

ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିବୃନ୍ଦ]

*ଶ୍ରମ ଆଇନ:*

*ଶ୍ରମିକ – ବରଖାସ୍ତ – ଘରୋଇ ତଦନ୍ତକୁ ତ୍ରୁଟିପୂର୍ଣ୍ଣ ବୋଲି ଦର୍ଶାଇ ଶ୍ରମ ନ୍ୟାୟାଳୟ ଦର୍ଶାଇ ପରିଚାଳନା ବର୍ଗକୁ ବରଖାସ୍ତକୁ ଯଥାର୍ଥ ସାବ୍ୟସ୍ତ କରିବାକୁ ସୁଯୋଗ ଦେଇଥିଲେ – ଆହୁରି ପରିଚାଳନା ବର୍ଗ ତଥା କର୍ତ୍ତବ୍ୟଭ୍ରଷ୍ଟ କର୍ମଚାରୀଙ୍କ ଦ୍ୱାରା ସାକ୍ଷ୍ୟ ଉପସ୍ଥାପିତ ହୋଇଥିଲା ଏବଂ ଶ୍ରମ ନ୍ୟାୟାଳୟ ମଧ୍ୟ ଦୋଷାରୋପ ପ୍ରମାଣିତ ହୋଇଥିବା ଜାଣିବାକୁ ପାଇଥିଲେ – ଶ୍ରମିକଙ୍କ ଅସଦାଚରଣର ପରିମାଣ ସହିତ ଦଣ୍ଡ ଅସମାନ ନୁହେଁ – ଦର୍ଶାଯାଇଛି, ବରଖାସ୍ତ ଆଦେଶ ଶ୍ରମ ନ୍ୟାୟାଳୟର ରାୟ ତାରିଖରୁ ନୁହେଁ ବରଂ ମୂଳ ବରଖାସ୍ତ ତାରିଖ ସହିତ ଜଡ଼ିତ ହେବ।*

*ଦେଶ ରାଜ ଗୁପ୍ତା ବନାମ ଶିଳ୍ପ ନ୍ୟାୟାଧିକରଣ-IV, ୟୁ. ପି. ଏବଂ ଅନ୍ୟଜଣେ,* **[1991] 1 SCC 249, ଅଗ୍ରାହ୍ୟ ହୋଇଥିଲା ।**

*ଆର୍. ଥିରୁଭିରକୋଲମ ବନାମ ପୀଠାସୀନ ଅଧିକାରୀ ଏବଂ ଅନ୍ୟଜଣେ,* **[1997] 1 SCC 9, ଉପରେ ନିର୍ଭର କରାଯାଇଥିଲା ।**

*ପି. ଏଚ୍. କଲ୍ୟାଣୀ ବନାମ ଏୟାର ଫ୍ରାନ୍ସ,* **[1964] 2 SCR 104, ଅନୁସରଣ** କରାଯାଇଥିଲା ।

*ଗୁଜରାଟ ଷ୍ଟିଲ୍ ଟ୍ୟୁବ୍ସ ଲିମିଟେଡ ବନାମ ମଜଦୁର ସଭା,* **[1980] 2 SCC 593, ସଠିକ ଆଇନ ପ୍ରଣୟନ କରେ ନାହିଁ ।**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 6339/1994 ଇତ୍ୟାଦି ।

ସି.ଡବ୍ଲ୍ୟୁ.ପି. ସଂଖ୍ୟା 13641/1992 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 20.12.93ର ରାୟ ଏବଂ ଆଦେଶରୁ ।

ସି.ଏ.ସଂଖ୍ୟା 6339/94ରେ ଅପିଲକାରୀଙ୍କ ପାଇଁ ଏବଂ ସି. ଏ. ସଂଖ୍ୟା 228/95ରେ ଉତ୍ତରଦାତାମାନଙ୍କ ପାଇଁ ଧ୍ରୁବ ମେହେଟ୍ଟା, ଫଜଲିନ୍ ଆନାମ, ଏସ୍.କେ. ମେହେଟା ଏବଂ ଜୟଦୀପ ବେଦୀ ।

ସି. ଏ. ସଂଖ୍ୟା 6339/94ରେ ଉତ୍ତରଦାତାଙ୍କ ପାଇଁ ଏବଂ ସି. ଏ. ସଂଖ୍ୟା 228/95ରେ ଅପିଲକାରୀଙ୍କ ପାଇଁ ମୀରା ଅଗ୍ରୱାଲ ଏବଂ ଆର୍. ସି. ମିଶ୍ର ।

ସି ଏ ସଂଖ୍ୟା. 6339/94 ରେ ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା ।

*ଦେଶ ରାଜ ଗୁପ୍ତା ବନାମ ଶିଳ୍ପ ନ୍ୟାୟାଧିକରଣ, IV, ୟୁ. ପି. ଏବଂ ଅନ୍ୟଜଣେ,* [1991] 1 SCC249 ମାମଲାରେ ଏହି ନ୍ୟାୟାଳୟର ନିଷ୍ପତ୍ତିର ସଠିକତା ଉପରେ ବିଚାର କରିବାକୁ ତିନି ଜଣ ବିଚାରପତିଙ୍କ ଏକ ବିଚାରପୀଠ ଦ୍ୱାରା ଦିଆଯାଇଥିବା ସନ୍ଦର୍ଭ ମାଧ୍ୟମରେ ଏହି ମାମଲା ଆସିଛି । ପକ୍ଷମାନଙ୍କ ଯୁକ୍ତିକୁ ତର୍ଜମା କରିବା ଉଦ୍ଦେଶ୍ୟରେ, କିଛି ପ୍ରାସଙ୍ଗିକ ତଥ୍ୟ ନଥିଭୁକ୍ତ କରିବା ଆବଶ୍ୟକ । ଯେତେବେଳେ ଉତ୍ତରଦାତା ବିଭିନ୍ନ କେନ୍ଦ୍ରରୁ କ୍ଷୀର ସଂଗ୍ରହ କରିବା ପାଇଁ ଜଣେ ଦୁଗ୍ଧ ସହାୟକ ତଥା ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ, ସେତେବେଳେ ତାଙ୍କ ବିରୋଧରେ ଏହି ଅସଦାଚରଣ ଅଭିଯୋଗ ହୋଇଥିଲା ଯେ 1990 ମସିହା ଏପ୍ରିଲ 28 ତାରିଖରେ ଏବଂ ଅନ୍ୟ ଦିନଗୁଡ଼ିକରେ ସେ କ୍ଷୀର କେନ୍ଦ୍ରଗୁଡ଼ିକରେ ଯୋଗାଣ ହେଉଥିବା କ୍ଷୀରର ପରିମାଣକୁ ଅପିଲକାରୀ-ନିଗମକୁ ବୃଦ୍ଧି କରିଥିଲେ ଏବଂ ଚର୍ବିର ମାତ୍ରା ବଢାଇ ଦେଖାଇଥିଲେ, ଯେତେବେଳେ କି ସେଥିରେ ଚର୍ବି ପରିମାଣ କମ ଥିଲା । ଘରୋଇ ତଦନ୍ତ କରିବା ପରେ ଶୃଙ୍ଖଳା କର୍ତ୍ତୃପକ୍ଷ ତାଙ୍କୁ ଚାକିରିରୁ ବରଖାସ୍ତ କରିଥିଲେ । ସନ୍ଦର୍ଭରେ, ଶ୍ରମ ନ୍ୟାୟାଳୟ ଜାଣିବାକୁ ପାଇଲେ ଯେ ଅପିଲକାରୀଙ୍କ ଦ୍ୱାରା କରାଯାଇଥିବା ଘରୋଇ ତଦନ୍ତ ତ୍ରୁଟିପୂର୍ଣ୍ଣ ଥିଲା । ଫଳସ୍ୱରୂପ ବରଖାସ୍ତ ଆଦେଶକୁ ଯଥାର୍ଥ ସାବ୍ୟସ୍ତ କରିବା ପାଇଁ ପରିଚାଳନା ବର୍ଗକୁ ନୂତନ ସାକ୍ଷ୍ୟ ଦାଖଲ

କରିବାକୁ ସୁଯୋଗ ଦିଆଯାଇଥିଲା । ତଦନୁସାରେ, ଅପିଲକାରୀ ତଥା କର୍ତ୍ତବ୍ୟଭ୍ରଷ୍ଟ-ଉତ୍ତରଦାତାଙ୍କ ଦ୍ୱାରା ସାକ୍ଷ୍ୟ ଉପସ୍ଥାପିତ ହୋଇଥିଲା । ସାକ୍ଷ୍ୟ ବିଚାର ପରେ, ଶ୍ରମ ନ୍ୟାୟାଳୟଏହାର 14 ନଭେମ୍ବର, 1990 ରାୟ ଦ୍ୱାରା ଦର୍ଶାଇଥିଲେ ଯେ ଉତ୍ତରଦାତାଙ୍କ ବିରୋଧରେ ଦୋଷାରୋପ ପ୍ରମାଣିତ ହୋଇଛି । ଦଣ୍ଡର ପରିମାଣ ଉପରେ, ଏହା ଦର୍ଶାଯାଇଥିଲା ଯେ ଦଣ୍ଡ ଉତ୍ତରଦାତାଙ୍କ  ଅସଦାଚରଣର ପରିମାଣ ସହିତ ଅସମାନ ନୁହେଁ । ତେବେ, ରିଟ୍ ଆବେଦନ ଦାଖଲ କରିବା ପରେ, ଉଚ୍ଚ ନ୍ୟାୟାଳୟ ସନ୍ଦର୍ଭ ନ୍ୟାୟାଳୟର ଅଧିନିର୍ଣ୍ଣୟକୁ ଶ୍ରମ ନ୍ୟାୟାଳୟର ଅଧିନିର୍ଣ୍ଣୟ ତାରିଖ ଠାରୁ ସେବାରୁ ବରଖାସ୍ତ ହେବାର ନିଶ୍ଚିତତା ପର୍ଯ୍ୟନ୍ତ ରଦ୍ଦ କରିଥିଲେ ନା କି ଏହା ପୂର୍ବରୁ କୌଣସି ତାରିଖ ଠାରୁ । ଏହି ନ୍ୟାୟାଳୟ  ଅନୁମତି ପ୍ରଦାନ କରିବା ସମୟରେ ସାମ୍ବିଧାନିକ ବିଚାରପୀଠର ରାୟକୁ ଦୃଷ୍ଟିରେ ରଖି ଦେଶ ରାଜ ଗୁପ୍ତାଙ୍କ ମାମଲାରେ (ପୂର୍ବୋକ୍ତ) ରାୟର ସଠିକତା ଉପରେ ବିଚାର କରିବାକୁ ଏହି ମାମଲାକୁ ତିନି ଜଣିଆ ବିଚାରପତିଙ୍କ ବିଚାରପୀଠକୁ ପଠାଇଥିଲେ । ଏହି ସନ୍ଦର୍ଭ ପରେ, ଦୁଇ ଜଣ ବିଚାରପତିଙ୍କୁ ନେଇ ଗଠିତ ଅନ୍ୟ ଏକ ବିଚାରପୀଠ *ଆର୍. ଥିରୁଭିରକୋଲମ୍ ବନାମ ପୀଠାସୀନ ଅଧିକାରୀ  ଏବଂ ଅନ୍ୟଜଣେ,* [1997] 1 SCC  9 ମାମଲାରେ ସମଗ୍ର ନିର୍ଣ୍ଣୟ ଆଇନ ଉପରେ ବିସ୍ତୃତ ଭାବେ ବିଚାର କରିଛନ୍ତି । *ପି. ଏଚ. କଲ୍ୟାଣୀ ବନାମ ଏୟାର ଫ୍ରାନ୍ସ,* [1964] 2 SCR 104 ମାମଲାରେ ସାମ୍ବିଧାନିକ ବିଚାରପୀଠ ନିଷ୍ପତ୍ତିରେ, ଏହି ନ୍ୟାୟାଳୟ ଦର୍ଶାଇଥିଲେ ଯେ ଯଦି ଶ୍ରମ ନ୍ୟାୟାଳୟ  ଘରୋଇ ତଦନ୍ତକୁ ତ୍ରୁଟିପୂର୍ଣ୍ଣ ବୋଲି ଜାଣିବାକୁ ପାଇଲେ ଏବଂ ପକ୍ଷମାନଙ୍କୁ ସାକ୍ଷ୍ୟ ଉପସ୍ଥାପନ କରିବାକୁ ସୁଯୋଗ ଦେଲେ ତେବେ ସେବା ସମାପ୍ତ କିମ୍ବା ଚାକିରିରୁ ବରଖାସ୍ତ ଆଦେଶ ବୈଧ ଅଟେ । ଏହା ବରଖାସ୍ତର ମୂଳ ଆଦେଶ ସହିତ ଜଡ଼ିତ ହେବ । କିନ୍ତୁ *ଗୁଜରାଟ ଷ୍ଟିଲ୍ ଟ୍ୟୁବ୍ସ ଲିମିଟେଡ୍ ବନାମ ମଜଦୁର ସଭା,* [1980] 2 SCC 593 ମାମଲାରେ ତିନିଜଣ  ବିଚାରପତିଙ୍କ ବିଚାରପୀଠ ଏକ ଅଗ୍ରାହ୍ୟ ମତ ବ୍ୟକ୍ତ କରିଥିଲେ, ଯାହାକୁ ଏହି ନ୍ୟାୟାଳୟ  ଦ୍ୱାରା *ଥିରୁଭିରକୋଲମ୍* (ପୂର୍ବୋକ୍ତ) *ମାମଲାରେ* ବିଚାର କରାଯାଇଥିଲା ଏବଂ ଏହା ଦର୍ଶାଯାଇଥିଲା ଯେ  ଏକ  ସାମ୍ବିଧାନିକ ବିଚାରପୀଠର ରାୟକୁ ଦୃଷ୍ଟିରେ ରଖି ତିନିଜଣିଆ ବିଚାରପତିଙ୍କ ବିଚାରପୀଠର ରାୟ ସଠିକ ନୁହେଁ । *ଦେଶରାଜ ଗୁପ୍ତାଙ୍କ* ମାମଲା ଉପରେ ମଧ୍ୟ ବିଚାର କରାଯାଇଥିଲା ଏବଂ ଏହା ଦର୍ଶାଯାଇଥିଲା ଯେ ଏହାର ସଠିକ ରୂପେ ବିଚାର କରାଯାଇନାହିଁ । ଏହା ଫଳରେ ଏହି ସମ୍ବନ୍ଧରେ ନ୍ୟାୟିକ ନଜୀରୀ ସବୁର ପୁନଃ ପରିଶୀଳନ କରିବାରୁ ମୁକ୍ତ ହେଲୁ ।

ଉପରୋକ୍ତ ନିଷ୍ପତ୍ତିକୁ ଦୃଷ୍ଟିରେ ରଖି ଏବଂ ଶ୍ରମ ନ୍ୟାୟାଳୟ  ଦ୍ୱାରା ନଥିଭୁକ୍ତ କରାଯାଇଥିବା ଫଳାଫଳକୁ ଦୃଷ୍ଟିରେ ରଖି, ଆମର ବିଚାରଯୋଗ୍ୟ ମତ ହେଉଛି ଯେ, *ଦେଶ ରାଜ ଗୁପ୍ତାଙ୍କ* ମାମଲାରେ ପ୍ରକାଶିତ ମତ ସଠିକ ନୁହେଁ । ସେହି ଅନୁଯାୟୀ ଏହାକୁ ଅଗ୍ରାହ୍ୟ କରାଯାଇଛି । ସାମ୍ବିଧାନିକ ବିଚାରପୀଠ ରାୟ ପରେ, ଆମେ ଧାର୍ଯ୍ୟ କରୁଛୁ ଯେ ଘରୋଇ ତଦନ୍ତ ତ୍ରୁଟିପୂର୍ଣ୍ଣ ଥିଲା ବୋଲି ଶ୍ରମ ନ୍ୟାୟାଳୟର ଏକ ଫଳାଫଳ  ଅଭିଲେଖନ  ଏବଂ ପରିଚାଳନା ବର୍ଗ  ଏବଂ ଶ୍ରମିକଙ୍କ ଦ୍ୱାରା ସାକ୍ଷ୍ୟ ଉପସ୍ଥାପନ କରିବାକୁ

ସୁଯୋଗ ଦେବା ଏବଂ ପରିଚାଳନା ଦ୍ୱାରା ବରଖାସ୍ତ ହୋଇଥିବା ଫଳାଫଳ ନଥିଭୁକ୍ତ କରିବା ବୈଧ ଥିଲା, ଏହା ଶ୍ରମ ନ୍ୟାୟାଳୟର ରାୟ ତାରିଖରୁ ନୁହେଁ ବରଂ ମୂଳ ବରଖାସ୍ତ ତାରିଖ ସହିତ ଜଡ଼ିତ ହେବ ।

ତଦନୁସାରେ ଅପିଲକୁ ଅନୁମତି ଦିଆଯାଇଛି । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ରଦ୍ଦ କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

*ସି ଏ ସଂଖ୍ୟା 228/95ରେ*

ଏହା ଶ୍ରମିକଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ପାଲଟା ଅପିଲ । ଶ୍ରମିକଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା ଏହା ଯୁକ୍ତି କରାଯାଇଛି ଯେ ଦୋଷାରୋପଗୁଡ଼ିକ ସଠିକ ନଥିଲା; ଶ୍ରମ ନ୍ୟାୟାଳୟ ସାକ୍ଷ୍ୟକୁ ସଠିକ ଭାବରେ ବିଚାର କରିନଥିଲେ ଏବଂ ବରଖାସ୍ତ ତାରିଖ ସହିତ ଜଡିତ ଆଦେଶ ସଠିକ ନୁହେଁ ବୋଲି ମତ ଦେଇଛନ୍ତି । ବିବାଦରେ ଆମେ କୌଣସି ଦୃଢତା ପାଉନାହୁଁ । ଏହା ଦେଖିବାକୁ ମିଳିଛି ଯେ ସାକ୍ଷ୍ୟ ଉପସ୍ଥାପନ ପରେ ଶ୍ରମ ନ୍ୟାୟାଳୟ ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ ଖାରଜ ଯଥାର୍ଥ ଅଟେ । ଏହା ସମ୍ମୁଖରେ ଉପସ୍ଥାପିତ ସାକ୍ଷ୍ୟ ଆଧାରରେ, ଏଥିରେ କୌଣସି ସନ୍ଦେହ ନାହିଁ, ଶ୍ରମ ନ୍ୟାୟାଳୟ ସମ୍ପୂର୍ଣ୍ଣ ସାକ୍ଷ୍ୟକୁ ବିସ୍ତୃତ ଭାବରେ ବିଚାର କରିନାହାଁନ୍ତି, କିନ୍ତୁ ଏହି ନିଷ୍ପତ୍ତିରେ ରାଜି ହୋଇଛନ୍ତି ଯେ ଅସଦାଚରଣ ପ୍ରମାଣିତ ହୋଇଛି । ଅସଦାଚରଣର ପ୍ରମାଣକୁ ଦୃଷ୍ଟିରେ ରଖି, ଆବଶ୍ୟକ ଦଣ୍ଡ ଏହା ହେବ ଯେ ପରିଚାଳନା ବର୍ଗ ଆତ୍ମବିଶ୍ୱାସ ହରାଇଛନ୍ତି ଯେ ଅପିଲକାରୀ ସତ୍ୟ ଏବଂ ବିଶ୍ୱସ୍ତତାର ସହ ତାଙ୍କ କର୍ତ୍ତବ୍ୟ ପାଳନ କରିବେ ଏବଂ ଫଳସ୍ୱରୂପ ଶ୍ରମ ନ୍ୟାୟାଳୟ ଧାରା 11-A ଅନୁଯାୟୀ ସାମାନ୍ୟ ଦଣ୍ଡ ସହିତ ପୁନଃସ୍ଥାପନର ପ୍ରତିକାର ପ୍ରଦାନ କରିବା ପାଇଁ କ୍ଷମତା ପ୍ରୟୋଗ କରିବାକୁ ଯଥାର୍ଥ ଭାବରେ ମନା କରିଦେଇଥିଲେ ।

ତଦନୁସାରେ ଅପିଲ ଖାରଜ କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି

ସି ଏ ସଂଖ୍ୟା 6339/94କୁ ଅନୁମତି ଦିଆଗଲା ।

ସି.ଏ. ସଂଖ୍ୟା 228/95କୁ ଖାରଜ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦକ : ସୌମ୍ୟରଞ୍ଜନ ବେହେରା, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**